# ପଦ ପ୍ରକରଣ

କୌଣସି ଅର୍ଥ ପ୍ରକାଶ କରୁଥିବା ଏକ ବା ଏକାଧିକ ବର୍ଣ୍ଣର ସମଷ୍ଟିକୁ ଶବ୍ଦ ବା ପ୍ରକୃତି କୁହାଯାଏ । ଏହି ପ୍ରକୃତି ଦୁଇ ପ୍ରକାରର । ବସ୍ତୁବାଚକ କିମ୍ବା ବସ୍ତୁର ବିଶେଷଣ ବାଚକ ପ୍ରକୃତିକୁ 'ନାମ' ବା 'ପ୍ରାତିପଦିକ' ଏବଂ କ୍ରିୟାବାଚକ ପ୍ରକୃତିକୁ 'ଧାତୁ' କହନ୍ତି । ପ୍ରାତିପଦିକ ଓ ଧାତୁରେ ପ୍ରତ୍ୟୟ ଯୋଗ କରାଯାଇ ପଦ ନିର୍ମାଣ କରାଯାଏ । ଏହି ପ୍ରତ୍ୟୟକୁ ବିଭକ୍ତି ପ୍ରତ୍ୟୟ କହନ୍ତି । ପ୍ରାତିପଦିକରୁ ଉତ୍ତର 'ସୁପ୍' ନାମକ ବିଭକ୍ତି ପ୍ରତ୍ୟୟ ଯୋଗରେ ସୁବନ୍ତ (ସୁପ୍ +ଅନ୍ତ) ପଦ ଓ ଧାତୁରୁ ଉତ୍ତର ତିଙ୍ ପ୍ରତ୍ୟୟ ଯୋଗରେ ତିଙନ୍ତ (ତିଙ୍+ଅନ୍ତ) ପଦମାନ ଗଢ଼ାଯାଏ । ବାକ୍ୟର ବିଶ୍ଳେଷଣ ଦ୍ୱାରା ପଦର ଓ ପଦର ବିଶ୍ଳେଷଣ ଦ୍ୱାରା ପ୍ରକୃତି ପ୍ରତ୍ୟୟର ବୋଧ ହୁଏ । 'ସୁପ୍ତିଙନ୍ତଂ ପଦମ୍' ଓ 'ଅପଦଂ' ନ ପ୍ରଯୁଞ୍ଜୀତ' ନ୍ୟାୟରେ ବାକ୍ୟରେ ବ୍ୟବହାର ଲାଗି 'ପଦ' ଉଦ୍ଦିଷ୍ଟ, ଶବ୍ଦ ନୁହେଁ । ବାକ୍ୟସ୍ଥିତ ପଦଗୁଡ଼ିକ ଦୁଇଭାଗରେ ବିଭକ୍ତ । (୧) ସୁବନ୍ତପଦ (ବିଶେଷ୍ୟ, ବିଶେଷଣ, ସର୍ବନାମ ଓ ଅବ୍ୟୟ), (୨) ତିଙନ୍ତ ପଦ (କ୍ରିୟା) ।




ଉଦାହରଣ - ମଧୁଃ ଗାୟତି ।

aògbæY - c] ê → ମଧୁ (ପ୍ରକୃତି), ବିସର୍ଗ (ସୁ) ପ୍ରତ୍ୟୟ ।

ଗାୟତି → √ଗୈ (ପ୍ରକୃତି), ତି (ତିପ୍) ପ୍ରତ୍ୟୟ ।

### ବିଶେଷ୍ୟ ଓ ବିଶେଷଣ :

ଯେଉଁ ପଦଦ୍ୱାରା କୌଣସି ବସ୍ତୁ, ବ୍ୟକ୍ତି, ଜାତି, ଗୁଣ ବା କ୍ରିୟାର ବୋଧହୁଏ ତାହାକୁ ବିଶେଷ୍ୟ ପଦ କହନ୍ତି ।[୧]

(କ) ବସ୍ତୁବାଚକ - ଘଟଃ, ସୁବର୍ଣ୍ଣମ୍, ବସ୍ତ୍ରମ୍, ଶିଳା

(ଖ) ବ୍ୟକ୍ତିବାଚକ - ରାମଃ, ହିମାଳୟଃ, ଗଙ୍ଗା

(ଗ) ଜାତିବାଚକ - ନରଃ, ପଶୁଃ, ପକ୍ଷୀ, ନଦୀ

(ଘ) ଗୁଣବାଚକ - ଗୁରୁତ୍ୱମ୍, ଧୈର୍ଯ୍ୟମ୍, ସାଧୁତା

(ଙ) କ୍ରିୟାବାଚକ - ଗମନମ୍, ଶ୍ରବଣମ୍, ଶୟନମ୍ ।

---

୧ । ଗୁଣାଦିଭିଷ୍ଟ ଯଦ୍‌ଭେଦ୍ୟଂ ତଦ୍ ବିଶେଷ୍ୟମୁଦାହୃତମ୍ ।

ଯେଉଁ ପଦଦ୍ୱାରା ବିଶେଷ୍ୟର ଗୁଣ, ଅବସ୍ଥା ଓ ସଂଖ୍ୟା ପ୍ରଭୃତି ପ୍ରକାଶିତ ହୁଏ ତାହାକୁ ବିଶେଷଣ ପଦ କହନ୍ତି । କୌଣସି ବିଶେଷଣ ପଦର ପ୍ରୟୋଗ ଦ୍ୱାରା ବିଶେଷ୍ୟର ସ୍ୱତଃ ବୋଧ ହେଉଥିଲେ ସେଠାରେ ବିଶେଷ୍ୟର ପ୍ରୟୋଗ ଐଚ୍ଛିକ ।[୧]

ଯଥା :- ଦରିଦ୍ରାଃ (ଦରିଦ୍ରାଃ ଜନାଃ) ଦୁଃଖଶତାନି ସହନ୍ତେ ।

ବିଶେଷଣ ବିଶେଷ୍ୟ, ସର୍ବନାମ, ଅବ୍ୟୟ ଓ କ୍ରିୟାକୁ ବିଶେଷିତ କରିଥାଏ । ବିଶେଷ୍ୟ ପଦର ଯେଉଁ ଲିଙ୍ଗ, ଯେଉଁ ବିଭକ୍ତି ଓ ଯେଉଁ ବଚନ ଥାଏ ବିଶେଷଣ ପଦର ସେହି ଲିଙ୍ଗ, ସେହି ବିଭକ୍ତି ଓ ସେହି ବଚନ ହୁଏ ।[୨]

ଯଥା :- ଚିତ୍ରଃ ପଟଃ, ଚିତ୍ରା ଶାଟୀ, ଚିତ୍ରଂ ବସ୍ତ୍ରମ୍ ।

କେତେକ ସ୍ଥଳରେ ଏଥିରେ ବ୍ୟତିକ୍ରମ ଦେଖାଯାଏ ।

ଯଥା :- ବେଦାଃ ପ୍ରମାଣମ୍, ସନ୍ତାନାଃ ମାତୁଃ ସ୍ନେହସ୍ୟ ଆସ୍ପଦମ୍, ଲୋଭଃ ପାପସ୍ୟ କାରଣମ୍, ଘୃତମ୍ ଆୟୁଷଃ ହେତୁଃ, ସଃ ସର୍ବେଷାଂ ବିଶ୍ୱାସଭାଜନମ୍, ଜଗନ୍ନାଥଃ ଶରଣମ୍ । ଏଠାରେ ବିଶେଷ୍ୟର ଲିଙ୍ଗ ଅନୁସାରେ ବିଶେଷଣ ଶବ୍ଦଗୁଡ଼ିକର ଲିଙ୍ଗର ପରିବର୍ତ୍ତନ ହେଉ ନ ଥିବାରୁ ସେଗୁଡ଼ିକ ନିୟତ ଲିଙ୍ଗ ବିଶିଷ୍ଟ ।

ବିଶେଷଣ ଯଦି ବିଶେଷ୍ୟର ସମାନ ବିଭକ୍ତି ଗ୍ରହଣ କରିଥାଏ ତେବେ ତାହାକୁ **ସମାନାଧିକରଣ ବିଶେଷଣ** ଏବଂ ଯଦି ଭିନ୍ନ ବିଭକ୍ତିକୁ ଗ୍ରହଣ କରିଥାଏ ତେବେ ତାହାକୁ **ବ୍ୟଧିକରଣ ବିଶେଷଣ** କହନ୍ତି । ରାମସ୍ୟ ଗୃହମ୍, ଗଙ୍ଗାୟାଃ ଜଳମ୍, ତିଳେ ତୈଳମ୍, କୁଠାରେଣ ଛେଦନମ୍ ଇତ୍ୟାଦି ସ୍ଥଳରେ ରାମ, ଗଙ୍ଗା, ତିଳ, କୁଠାର- ଏହି ବିଶେଷଣଗୁଡ଼ିକ ବିଶେଷ୍ୟର ସମାନ ବିଭକ୍ତି ଗ୍ରହଣ କରିନଥିବାରୁ ଏଗୁଡ଼ିକ ବ୍ୟଧିକରଣ ବିଶେଷଣ ।

ବିଶେଷଣର ବିଶେଷଣ -

ଅଳ୍ପମ୍ ଉଷ୍ଣଂ ଦୁଗ୍ଧମ୍ । ଅଧିକଂ ଶୀତଳଂ ଜଳମ୍ ।

ସର୍ବନାମର ବିଶେଷଣ -

ଅଧାର୍ମିକଃ ସଃ । ଧାର୍ମିକଃ ତ୍ୱମ୍ ।

ଅବ୍ୟୟର ବିଶେଷଣ -

ରମଣୀୟଂ ପ୍ରାତଃ । ବହୁ ମିଥ୍ୟା ।

କ୍ରିୟାର ବିଶେଷଣ -

ମଧୁରଂ ଗାୟତି । ମୃଦୁ ହସତି ।

**କ୍ରିୟା ଓ ଅବ୍ୟୟର ବିଶେଷଣ କ୍ଳୀବଲିଙ୍ଗ ଓ ଏକବଚନାନ୍ତ ହୁଏ ।**

## ସର୍ବନାମ

ଯେଉଁ ପଦଗୁଡ଼ିକ ବିଶେଷ୍ୟ-ବିଶେଷଣ ପ୍ରଭୃତିର ବଦଳରେ ବ୍ୟବହୃତ ହୁଅନ୍ତି ସେହି ସର୍ବ, ବିଶ୍ୱ ପ୍ରଭୃତି ୩୩ଟି ଶବ୍ଦକୁ ସର୍ବନାମ କହନ୍ତି । ସେଗୁଡ଼ିକ ହେଲେ- ସର୍ବ, ବିଶ୍ୱ, ଉଭ, ଉଭୟ, ଅନ୍ୟ, ଅନ୍ୟତର, ଇତର, ତ୍ୱତ୍, ତ୍ୱ, ନେମ, ସମ, ସିମ, ପୂର୍ବ, ପର, ଅବର, ଦକ୍ଷିଣ, ଉତ୍ତର, ଅପର, ସ୍ୱ, ଅନ୍ତର, ତ୍ୟଦ୍, ତଦ୍, ଯଦ୍, ଏତଦ୍, ଇଦମ୍, ଅଦସ୍, ଏକ, ଦ୍ୱି, ଯୁଷ୍ମଦ୍, ଅସ୍ମଦ୍, ଭବତୁ (ଭବତ) ଓ କିମ୍ । ଏତଦ୍‌ଭିନ୍ନ ଡତର ଓ ଡତମ ପ୍ରତ୍ୟୟାନ୍ତ ପଦ ସର୍ବନାମ ।

---

୧ । ବିଶେଷଣମାତ୍ର-ପ୍ରୟୋଗୋ ବିଶେଷ୍ୟପ୍ରତିପତ୍ତୌ ।

୨ । ବିଶେଷ୍ୟସ୍ୟ ହି ଯଲ୍ଲିଙ୍ଗଂ ବିଭକ୍ତି-ବଚନେ ଚ ଯେ- ତାନି ସର୍ବାଣି ଯୋଜ୍ୟାନି ବିଶେଷଣପଦେଷ୍ୱପି ।

## ସର୍ବନାମର ବ୍ୟବହାର :

(କ) ଈଶ୍ୱରଃ ସର୍ବସ୍ୟ କର୍ତ୍ତା, ସଃ ତୁ ତସ୍ୟ ରକ୍ଷକୋଽପି । ଏଠାରେ 'ସଃ' ଓ 'ତସ୍ୟ' ସର୍ବନାମଦ୍ୱୟ ଯଥାକ୍ରମେ ବିଶେଷ୍ୟ-ଈଶ୍ୱର ଓ ସର୍ବନାମ-ସର୍ବ ସ୍ଥାନରେ ବ୍ୟବହୃତ ହୋଇଅଛି ।

(ଖ) ଗଙ୍ଗାୟାଃ ଜଳଂ ସ୍ୱାସ୍ଥ୍ୟକରମ୍, ଅତଃ ଜନାଃ ତସ୍ୟାଃ ଜଳେ ସ୍ନାନଂ କୁର୍ବନ୍ତି ।
ଏଠାରେ 'ତସ୍ୟାଃ' ସର୍ବନାମ ପଦଟି 'ଗଙ୍ଗାୟାଃ' ବିଶେଷଣ ପଦ ସ୍ଥାନରେ ବ୍ୟବହୃତ ।

(ଗ) ପ୍ରାତଃ ଶଯ୍ୟା ତ୍ୟାଜ୍ୟା, ତସ୍ମିନ୍ ଈଶ୍ୱରସ୍ମରଣମପି କାର୍ଯ୍ୟମ୍ । ଏଠାରେ 'ତସ୍ମିନ୍' ଏହି ସର୍ବନାମ 'ପ୍ରାତଃ' ଏହି ଅବ୍ୟୟ ସ୍ଥାନରେ ବ୍ୟବହୃତ ।

(ଘ) 'ଅହଂ ଯଥାନିୟମଂ ରାଜ୍ୟଂ ପାଳୟିଷ୍ୟାମି' ଏତତ୍ ଉକ୍ତ୍ୱା ମନ୍ତ୍ରୀ ଶପଥଂ କୃତବାନ୍ । ଏଠାରେ 'ଏତତ୍' ଏହି ସର୍ବନାମ 'ଅହଂ.... ପାଳୟିଷ୍ୟାମି' ଏହି ବାକ୍ୟ ବଦଳରେ ବ୍ୟବହୃତ ହୋଇଅଛି ।

## ଅବ୍ୟୟ :

ତିନିଲିଙ୍ଗ, ତିନିବଚନ ଓ ସାତ ବିଭକ୍ତିରେ ଯେଉଁ ଶବ୍ଦ ଏକାପରି ରହେ ତାହା ଅବ୍ୟୟ ପଦ ।[୧]

(କ) ଅତଃ, ତତ୍ର, ଇହ, ସଦା, ଅଧୁନା, ଇଦାନୀମ୍, ତର୍ହି, ଯଥା, ଇତ୍ଥମ୍, ପୁରସ୍ତାତ୍, ପୁରଃ, ଦ୍ୱିଧା ଇତ୍ୟାଦି ଅବ୍ୟୟ ପଦ ।

(ଖ) ଅବ୍ୟୟୀଭାବ ସମାସ ଅବ୍ୟୟ ହୁଏ । ଯଥା :- ଉପକୂଳମ୍, ଯଥାଶକ୍ତି ପ୍ରଭୃତି ।

(ଗ) ପ୍ର, ପରା, ଅପ, ସମ୍, ଅନୁ, ଅବ, ନିର୍, ନିସ୍, ଦୁସ୍, ଦୁର୍, ବି, ନି, ଆଙ୍, ଅଧି, ଅପି, ଅତି, ସୁ, ଉଦ୍, ଅଭି, ପ୍ରତି, ପରି, ଉପ - ଏହି ୨୨ଟି ଶବ୍ଦ କ୍ରିୟା ସଂଯୋଗରେ ଉପସର୍ଗ ବୋଲାନ୍ତି ।
ସମୟ ସମୟରେ ଏଗୁଡ଼ିକ ଅବ୍ୟୟ ରୂପେ ବ୍ୟବହୃତ ହୁଅନ୍ତି ।

(ଘ) କ୍ତ୍ୱା, ଲ୍ୟପ୍ ପ୍ରଭୃତି କେତେକ କୃତ୍ ପ୍ରତ୍ୟୟାନ୍ତ ପଦ ଅବ୍ୟୟ ।

### କେତେକ ଅବ୍ୟୟର ପ୍ରୟୋଗ

ଆଙ୍ (ସୀମା) - ଅୟଂ ପନ୍ଥାଃ ଆସମୁଦ୍ରଂ (ସମୁଦ୍ର ପର୍ଯ୍ୟନ୍ତ) ଗଚ୍ଛତି ।
(ବ୍ୟାପ୍ତି) - ଆକୀଟଂ (କୀଟପତଙ୍ଗପର୍ଯ୍ୟନ୍ତ ବ୍ୟାପି) ସର୍ବେଷାଂ ଜୀବାନାଂ ସୁଖେଚ୍ଛା ଅସ୍ତି ।

ହ୍ୟଃ (ଗତକାଲି) - ହ୍ୟଃ ସଭା ଅଭବତ୍ ।

ବା (ବିକଳ୍ପେ) - ଛାତ୍ରଃ ପଠତି ବା ?

ଶ୍ୱଃ (ଆସନ୍ତାକାଲି) - ଶ୍ୱଃ ସୋମବାସରଃ ।

ଅଦ୍ୟ (ଆଜି) - ଅଦ୍ୟ ରବିବାସରଃ ।

ପରଶ୍ୱଃ (ଆସନ୍ତା ପରଦିନ) - ପରଶ୍ୱଃ ମଙ୍ଗଳବାସରଃ ।

ନୂନମ୍ (ନିଶ୍ଚୟ) - ଅହଂ ନୂନଂ ଗମିଷ୍ୟାମି ।

ଜାତୁ (କଦାଚିତ୍) - ନ ଜାତୁ ଦୁଃଖଂ ଗଣନୀୟମ୍ ।

ସୁଷ୍ଠୁ (ଭଲ ଭାବରେ) - ଅୟଂ ବାଳକଃ ସୁଷ୍ଠୁ ପଠତି ।

---

୧। ସଦୃଶଂ ତ୍ରିଷୁ ଲିଙ୍ଗେଷୁ ସର୍ବାସୁ ଚ ବିଭକ୍ତିଷୁ ।
ବଚନେଷୁ ଚ ସର୍ବେଷୁ ଯନ୍ନବ୍ୟେତି ତଦବ୍ୟୟମ୍ ॥

ଇବ (ପରି) - ରାମଃ ଇବ ରାଜା ନାସ୍ତି ।
ଏବ (ନିଶ୍ଚୟ, ହିଁ) - ସତ୍ୟମ୍ ଏବ ଜୟତେ ।
ପ୍ରାୟଃ (ପ୍ରାୟ) - ପ୍ରାୟଃ ଜନାଃ ସ୍ୱାର୍ଥପରାଃ ।
ପୁରା (ପୂର୍ବେ) - ପୁରା ଖାରବେଳଃ ଉତ୍କଳେ ରାଜା ଆସୀତ୍ ।
ବହିଃ (ବାହାରେ) - ଗୃହାଦ୍ ବହିଃ ଶିଶୁଃ ଖେଳତି ।
ଅନ୍ତଃ (ମଧ୍ୟରେ) - ସମୁଦ୍ରସ୍ୟ ଅନ୍ତଃ ରତ୍ନାନି ସନ୍ତି ।
ଋତେ (ବିନା) - ପରିଶ୍ରମାତ୍ ଋତେ ବିଦ୍ୟା ନ ଭବତି ।

ସହ / ସମମ୍ / ସାକମ୍ / ସାର୍ଦ୍ଧମ୍ (ସହିତ) କ୍ଷୀରେଣ ସହ / ସମମ୍ / ସାକମ୍ / ସାର୍ଦ୍ଧଂ ଲବଣଂ ନ ଭକ୍ଷୟେତ୍ ।

ଦିଷ୍ଟ୍ୟା (ସୌଭାଗ୍ୟବଶତଃ) - ଦିଷ୍ଟ୍ୟା ସଃ ବିପଦଃ ମୁକ୍ତଃ ।
ବୃଥା - (ଅକାରଣରେ) - ବୃଥା କାଳକ୍ଷେପଃ ନ କରଣୀୟଃ ।
ଆରାତ୍ (ଦୂର ବା ନିକଟ) - ଗ୍ରାମାତ୍ ଆରାତ୍ ନଦୀ ପ୍ରବହତି ।
ମନାକ୍ (ଅଳ୍ପ) - ମନାକ୍ କଷ୍ଟଂ କରୋତୁ ।
ଅପି (ମଧ୍ୟ) - ତ୍ୱମ୍ ଅପି ପଠିଷ୍ୟସି ।
ମୃଷା (ମିଥ୍ୟା) - କଥଂ ମୃଷା ବଦସି ?
ମିଥ୍ୟା (ମିଥ୍ୟା) - ମିଥ୍ୟା ମା କଥୟ ।
ଅଲମ୍ (ନିଷେଧ) - ଅଲଂ ବିଳମ୍ବେନ ।
(ସମର୍ଥ) - ଈଶ୍ୱରକଥା ପାପାନାଂ ନାଶାୟ ଅଲମ୍ ।
(ଭୂଷଣ) - ଅତିଥିଃ ଆସନମ୍ ଅଳଙ୍କରୋତି ।
ତିରସ୍ (ନିନ୍ଦାକରିବା) - ନ କମପି ତିରସ୍କୁର୍ଯ୍ୟାତ୍ ।
ଶଶ୍ୱତ୍ (ସର୍ବଦା) - ଆତ୍ମା ଶଶ୍ୱତ୍ ତିଷ୍ଠତି ।
(ପୁନଃ ପୁନଃ) - ବିଦ୍ୟା ଶଶ୍ୱତ୍ ଅଭ୍ୟସନୀୟା ।
ସକୃତ୍ (ଥରେ) - ସକୃତ୍ ଗୀତାଂ ପଠେତ୍ ।
ଦିବା (ଦିନ) - ଦିବା ଶୟନମ୍ ଅନୁଚିତମ୍ ।
ନକ୍ତମ୍ (ରାତ୍ରି) - ନକ୍ତଂ ନକ୍ଷତ୍ରାଣି ପଶ୍ୟ ।

ସମୟା - / ନିକଷା - (ନିକଟରେ) - ଭୁବନେଶ୍ୱରଂ ସମୟା / ନିକଷା ଖଣ୍ଡଗିରିଃ ଅସ୍ତି ।

ଅନ୍ତରା (ମଧ୍ୟରେ) - ହିମାଳୟଂ ବିନ୍ଧ୍ୟଂ ଚ ଅନ୍ତରା ଆର୍ଯ୍ୟାବର୍ତ୍ତଃ ବର୍ତ୍ତତେ ।
ଅଭିତଃ (ସମୀପ) - କୋଣାର୍କମନ୍ଦିରମ୍ ଅଭିତଃ ଚନ୍ଦ୍ରଭାଗା ଅସ୍ତି ।
ଉଭୟତଃ (ଦୁଇପାଖରେ) - ଗ୍ରାମମ୍ ଉଭୟତଃ ପର୍ବତାଃ ସନ୍ତି ।
ଐଷମଃ (ଏହିବର୍ଷ) - ଐଷମଃ ଅହଂ ନବମବର୍ଗେ ପଠାମି ।
ପରୁତ୍ (ପୂର୍ବବର୍ଷ) - ପରୁତ୍ ଶସ୍ୟହାନିଃ ଅଭବତ୍ ।
ପରାରି (ପୂର୍ବତର ବର୍ଷ) - ପରାରି ବନ୍ୟା ଅଭବତ୍ ।
ଅନ୍ତରେଣ (ବିନା) - ଦୁଃଖମ୍ ଅନ୍ତରେଣ ସୁଖଂ ନାସ୍ତି ।
କଦା (କେତେବେଳେ) - ପିତା କଦା ଆଗଚ୍ଛତି ?
ତଦା (ସେତେବେଳେ) - ତଦା ସାୟମ୍ ଆସୀତ୍ ।

## କେତେକ ପ୍ରସିଦ୍ଧ ଅବ୍ୟୟ

ଚ, ହେ, ଭୋଃ, ତୁ, ମା, ନ, ନୋ, ନଞ୍, ସ୍ମ (ଅତୀତ ଓ ପାଦପୂରଣ), ହି (ହେତୁ, ଅବଧାରଣ), କିମ୍ (ବିକଳ୍ପ), ଚିତ୍, ଚନ, ଚେତ୍, ପ୍ରାକ୍, ଯତ୍, ତତ୍, ଧିକ୍, ପ୍ରାତଃ, ପୁନଃ, ଉଚ୍ଚୈଃ, ନୀଚୈଃ, ଶନୈଃ, ନାମ (ପ୍ରକାଶ୍ୟ), ପୃଥକ୍, ସାୟମ୍, ଚିରମ୍, ବହିଃ, ବିନା, ନାନା, ସ୍ୱସ୍ତି, ସ୍ୱାହା, ବଷଟ୍, ମିଥଃ (ପରସ୍ପର, ଗୋପନରେ), ପୁରା, ଉତ (ଅଥବା), ପ୍ରାୟଃ, ନମଃ, ପୁରଃ, ଯାବତ୍, ତାବତ୍, ଖଲୁ (ନିଷେଧ, ନିଶ୍ଚୟ, ବାକ୍ୟାଳଂକାର), ଅଥ, ଅହୋ, ଇବ, ଏବ, ନନୁ, ବତ (ଖେଦ, ଅନୁକମ୍ପା, ସନ୍ତୋଷ, ବିସ୍ମୟ), ଇତି, ସଦ୍ୟଃ, ନହି, ଯଦ୍, ଏବ, ଊର୍ଦ୍ଧ୍ୱମ୍, କିନ୍ତୁ, ଭୂୟଃ, ଯଦି, ସାୟମ୍, କିଲ (ପ୍ରସିଦ୍ଧି), ସାକ୍ଷାତ୍, ସହସା, ସପଦି, ସମ୍ପ୍ରତି, ସାମ୍ପ୍ରତମ୍ (ବର୍ତ୍ତମାନ, ଯୁକ୍ତ), ଯୁଗପତ୍ (ଏକା ସମୟରେ) ମୁହୁଃ (ବାରମ୍ବାର) ।

## ଅଭ୍ୟାସଃ

୧। ସ୍ତମ୍ଭଦ୍ୱୟସ୍ଥିତପଦାନାଂ ସମ୍ୟକ୍ ସଂଯୋଜନଂ ବିଧେୟମ୍ ।

| 'କ' | 'ଖ' |
|---|---|
| ମଧୁମୟଃ | ଜଳମ୍ |
| ପୀତାମ୍ବରଃ | ଫଳମ୍ |
| ସୁପକ୍ୱମ୍ | ବ୍ୟଞ୍ଜନମ୍ |
| ସୁଶୀତଳମ୍ | ସରସ୍ୱତୀ |
| ଶୁକ୍ଳାମ୍ବରା | ବିଷ୍ଣୁଃ |
| ରୁଚିକରମ୍ | ବସ୍ତ୍ରମ୍ |
| ଶୁଭ୍ରମ୍ | ବସନ୍ତଃ |

୨। ବନ୍ଧନୀସ୍ଥିତ ଯଥାର୍ଥ ପଦେନ ଶୂନ୍ୟସ୍ଥାନଂ ପୂରୟତ ।

________ ବାଳକଃ । (ବିନୀତମ୍, ବିନୀତଃ)

ଭବାନ୍ ________ । (ପ୍ରମାଣଃ, ପ୍ରମାଣମ୍)

ଗୁଣାଃ ________ । (ପୂଜାସ୍ଥାନାନି, ପୂଜାସ୍ଥାନମ୍)

ବଳଭଦ୍ରଃ ________ । (ନୀଳାମ୍ବରମ୍, ନୀଳାମ୍ବରଃ)

୩। ଉଚିତୈଃ ବିଶେଷଣୈଃ ବିଶେଷ୍ୟୈର୍ବା ଶୂନ୍ୟସ୍ଥାନାନି ପୂରୟତ ।

ମଧୁରାଣି ________ ଶ୍ରୁତ୍ୱା ________ ଆନନ୍ଦିତଃ । ଇୟଂ ନଦୀ ________ । ________ ଜନଃ ଆଦରଣୀୟଃ । ଧୂର୍ତ୍ତଃ ________ ସର୍ବାନ୍ ପ୍ରତାରୟତି । ବ୍ୟାଘ୍ରଃ ________ ପଶୁଃ ।

(ବାଳକଃ, ଉତ୍ତମଃ, ବଚନାନି, ବକ୍ରା, ନରଃ, ରାଷ୍ଟ୍ରିୟଃ)

୪। ବିଶେଷଣସ୍ୟ ଭେଦାନ୍ ଦର୍ଶୟତ ।

୫। ସର୍ବନାମଶବ୍ଦାଃ କେଷାଂ ବିନିମୟେ ବ୍ୟବହୃତାଃ ଭବନ୍ତି ?

୬। ଅବ୍ୟୟସ୍ୟ ସଂଜ୍ଞାଂ ଲିଖତ ।

୭। ଅଧୋଲିଖିତାନି ପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ ।

ନ, ପୁରା, ପ୍ରାତଃ, ଚ, ଅପି, ବହିଃ, ପ୍ରାୟଃ, ଇବ, ଏବ ।